# ଓଡିଶା ରାଜ୍ୟ ସଡକ ପରିବହନ ନିଗମ

## ଜିଲ୍ଲା ପରିଚାଳକଙ୍କ କାର୍ଯ୍ୟାଳୟ, ନୂଆପଡା

### ଟେଣ୍ଡର ନୋଟିସ

**ସଂଖ୍ୟା ...୪୧୩...** **ତା. ...୩୦.../08/2025**

ଏତଦ୍ୱାରା ଅଟଳ ବସ୍ ଷ୍ଟାଣ୍ଡ, ନୂଆପଡା କାର୍ଯ୍ୟାଳୟ କୋଠା ରେ ଥିବା ଦୁଇଟି କ୍ୟାଣ୍ଟିନ (Cafe), ଦୁଇଟି ବହୁ-ଶଯ୍ୟା ବିଶିଷ୍ଟ ଶୟନାଗାର (Dormitory) [ଗୋଟିଏ ପୁରୁଷଙ୍କ ପାଇଁ ଓ ଅନ୍ୟଟି ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ] ଏବଂ ଦୁଇଟି ଦୋକାନ ଘର ମାସିକ ଭଡା ସୂତ୍ରରେ ନିଲାମ ପାଇଁ "ଜିଲ୍ଲା ସ୍ତରୀୟ ଅଟଳ ବସ ଷ୍ଟାଣ୍ଡ ନୋଡାଲ କମିଟି, ନୂଆପଡା" ତରଫରୁ ନିମ୍ନ ସ୍ୱାକ୍ଷରକାରୀ ଇଚ୍ଛୁକ ବ୍ୟକ୍ତି/ ସଂସ୍ଥା ମାନଙ୍କ ଠାରୁ ବନ୍ଦ ଲଫାପା ରେ ଟେଣ୍ଡର ଆହ୍ୱାନ କରୁଛନ୍ତି । ଉପରୋକ୍ତ ବ୍ୟବସାୟିକ ସ୍ଥାନ ଗୁଡିକର ଅବସ୍ଥିତି, ମାପ, ସର୍ବନିମ୍ନ ମାସିକ ଭଡା, ଅମାନତ ରାଶି (EMD), ପ୍ରତିଭୂ ଅମାନତ ରାଶି (Security Deposit) ଆଦି ସବିଶେଷ ବିବରଣୀ ସହ ସମସ୍ତ ସର୍ତ୍ତାବଳୀ/ ନିୟମାବଳୀ ଓ ଟେଣ୍ଡର ପଦ୍ଧତି ନିମ୍ନରେ ପଦତ୍ତ କରାଗଲା ।

ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି/ ଅନୁଷ୍ଠାନ 01.09.25 ତାରିଖରୁ 15.09.25 ତାରିଖ ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରୁ 200 ଟଙ୍କା ମୂଲ୍ୟରେ ଟେଣ୍ଡର ଫର୍ମ ସହ ସମସ୍ତ ସର୍ତ୍ତାବଳୀ/ ନିୟମାବଳୀ ଓ ଟେଣ୍ଡର ପଦ୍ଧତି ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ପ୍ରାପ୍ତ କରିପାରିବେ । ଏଥିପାଇଁ 200 ଟଙ୍କା ନଗଦ ଆକାରରେ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପଇଠ କରିପାରିବେ । ଆବଶ୍ୟକୀୟ ସମସ୍ତ କାଗଜ ପତ୍ର ସହ ସମ୍ପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଟେଣ୍ଡର ଫର୍ମ **ରେଜିଷ୍ଟ୍ରାର୍ଡ ପୋଷ୍ଟ କିମ୍ବା ସ୍ପୀଡ ପୋଷ୍ଟ** ଜରିଆରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ 15.09.25 ତାରିଖ **ସନ୍ଧ୍ୟା 05.00 ଘଟିକା** ସୁଦ୍ଧା ପହଞ୍ଚିବା ଦରକାର । ଡାକଘର ଜନିତ ବିଳମ୍ବ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଟେଣ୍ଡର ଫର୍ମ ଗୁଡିକ କୋରିୟର ଜରିଆରେ କିମ୍ବା ସିଧା-ସଳଖ କାର୍ଯ୍ୟାଳୟ ରେ ଗ୍ରହଣ କରାଯିବ ନାହିଁ । ଟେଣ୍ଡର ଫର୍ମ ଦାଖଲ କରିବା ପୂର୍ବରୁ ନିଜେ ଉପରୋକ୍ତ ବ୍ୟାବସାୟିକ ସ୍ଥାନ ଗୁଡିକର ଅବସ୍ଥିତି ଓ ମାପ ର ସଠିକତା ଯାଞ୍ଚ କରିନେବେ । ପରବର୍ତ୍ତୀ ସମୟରେ ଏ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ନୁହେଁ । ଟେଣ୍ଡର ଫର୍ମ ବହନ କରୁଥିବା ଲଫାପା ଉପରେ **"ଅଟଳ ବସ୍ ଷ୍ଟାଣ୍ଡ, ନୂଆପଡା କାର୍ଯ୍ୟାଳୟ କୋଠା ରେ ଭଡା ସୂତ୍ରରେ ବ୍ୟାବସାୟିକ ସ୍ଥାନ ପାଇଁ ଟେଣ୍ଡର"** ବୋଲି ଉଲ୍ଲିଖିତ କରିବେ । 16.09.25 ତାରିଖ ଦିବା 11.00 ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବୈଠକ ଗୃହରେ ଟେଣ୍ଡର ଫର୍ମ ଦାଖଲ କରିଥିବା ବ୍ୟକ୍ତି ବା ସେମାନଙ୍କ ଦ୍ୱାରା ପ୍ରାଧିକୃତ ବ୍ୟକ୍ତି ମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ, ନୂଆପଡା ଙ୍କ ଦ୍ୱାରା ଗଠିତ ଟେଣ୍ଡର କମିଟି, ଟେଣ୍ଡର ଫର୍ମ ଖୋଲି ଯାଞ୍ଚ କରିବେ ଏବଂ ଉପଯୁକ୍ତ ନିଲାମଧାରୀଙ୍କ ଚୟନ କରିବେ । କମିଟି ନେଇଥିବା ନିଷ୍ପତ୍ତି ହିଁ ଚୂଡାନ୍ତ ନିଷ୍ପତ୍ତି ଓ ସର୍ବମାନ୍ୟ ଅଟେ ।

ଏ ସମ୍ବନ୍ଧୀୟ ସମସ୍ତ ତଥ୍ୟ ନୂଆପଡା ଜିଲ୍ଲା ୱେବସାଇଟ <nuapada.odisha.gov.in> ରୁ ପାଇପାରିବେ ।

**ବି.ଦ୍ର. – ଦୁଇ ବା ତତୋଧିକ ଟେଣ୍ଡର ମୂଲ୍ୟ ସମାନ ହେଲେ ସ୍ଥାନୀୟ ବ୍ୟକ୍ତି ମାନଙ୍କର ଦରଖାସ୍ତଗୁଡିକୁ ଅଗ୍ରାଧିକାର ଦିଆଯିବ ।**

**ଜିଲ୍ଲା ପରିଚାଳକ, ନୂଆପଡା**

**ସ୍ମାରକ ସଂଖ୍ୟା** ୫୧୪ **ତା.** ୩୦/08/2025

ଏହାର ନକଲ ଜିଲ୍ଲା ଇ-ଗଭର୍ଣ୍ଣାସ ପରିଚାଳକ, (DeGM), ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୂଆପଡା ଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ନୂଆପଡା ଜିଲ୍ଲା ୱେବସାଇଟ ରେ ଏହି ନୋଟିସ ଟି upload କରିବା ପାଇଁ ଅନୁରୋଧ କରାଗଲା ।

**ଜିଲ୍ଲା ପରିଚାଳକ, ନୂଆପଡା**

**ସ୍ମାରକ ସଂଖ୍ୟା** ୫୧୫ **ତା.** ୩୦/08/2025

ଏହାର ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,, ସମସ୍ତ ତହସିଲଦାର, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ସମସ୍ତ ବିଜ୍ଞାପିତ ଆଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ସୂଚନା ଫଳକ ରେ ପ୍ରତିଫଳିତ କରିବା ପାଇଁ ଅନୁରୋଧ ସହ ପ୍ରେରଣ କରାଗଲା ।

**ଜିଲ୍ଲା ପରିଚାଳକ, ନୂଆପଡା**

**ସ୍ମାରକ ସଂଖ୍ୟା** ୫୧୬ **ତା.** ୩୦/08/2025

ଏହାର ନକଲ "ଜିଲ୍ଲା ସ୍ତରୀୟ ଅଟଳ ବସ ଷ୍ଟାଣ୍ଡ ନୋଡାଲ କମିଟି, ନୂଆପଡା" ର ସମସ୍ତ ସଦସ୍ୟ ଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଏକକିତା ନକଲ ଏହି କାର୍ଯ୍ୟାଳୟ ସୂଚନା ଫଳକ ରେ ପ୍ରତିଫଳିତ କରାଗଲା ।

**ଜିଲ୍ଲା ପରିଚାଳକ, ନୂଆପଡା**

Scanned with OKEN Scanner

## ନିବନ୍ଧନ (Terms & Conditions):

- ନୀଲାମଧାରୀ ବ୍ୟକ୍ତି/ ଅନୁଷ୍ଠାନ ଙ୍କୁ ଚୟନର ତିନି (03) କାର୍ଯ୍ୟ ଦିବସ ମଧ୍ୟରେ ନିଶ୍ଚିତିକରଣ ପତ୍ର (Confirmation Letter) ପ୍ରଦାନ କରାଯିବ ।
- ପରବର୍ତ୍ତୀ ସାତ ଦିନ ମଧ୍ୟରେ ନୀଲାମଧାରୀ ବ୍ୟକ୍ତି/ ଅନୁଷ୍ଠାନ ଧାର୍ଯ୍ୟ ପ୍ରତିଭୂ ଅମାନତ ରାଶି (Security Deposit) ଏବଂ ଅକ୍ଟୋବର ମାସ ପାଇଁ ଅଗ୍ରୀମ ଭାବରେ ଭଡା ରାଶି ଜମା କରିବେ, ଏବଂ ନିଜ ଖର୍ଚ୍ଚରେ "ଜିଲ୍ଲା ସ୍ତରୀୟ ଅଟଳ ବସ ଷ୍ଟାଣ୍ଡ ନୋଡାଲ କମିଟି, ନୂଆପଡା" ତରଫରୁ ନିମ୍ନ ସ୍ବାକ୍ଷରକାରୀ ଙ୍କ ସହ ଆଗାମୀ ତିନି ବର୍ଷ ପାଇଁ ଏକ ରାଜିନାମା ରେ ଚୁକ୍ତିବଦ୍ଧ ହେବେ ।
- ନିଲାମ ପ୍ରକ୍ରିୟାରେ ଅସଫଳ ବ୍ୟକ୍ତି ବା ଅନୁଷ୍ଠାନ ମାନଙ୍କର ଅମାନତ ରାଶି ସାତ ଦିନ ମଧ୍ୟରେ ଫେରସ୍ତ କରାଯିବ । ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମୂଳ ରସିଦ (Original Money Receipt) ଦାଖଲ କରିବାକୁ ପଡିବ ।
- ଚୁକ୍ତିନାମା ସମ୍ପାଦନ ହେବାର ସାତ ଦିନ ମଧ୍ୟରେ କିମ୍ବା ଅକ୍ଟୋବର ମାସ 01 ତାରିଖ ସୁଦ୍ଧା (ଯାହା ପ୍ରଥମେ ଆସିବ), B-4 ଓ B-5 ନୀଳମଧାରୀ ବ୍ୟକ୍ତି ତାଙ୍କର ବ୍ୟାବସାୟିକ କାର୍ଯ୍ୟ ଆରମ୍ଭ କରିବେ ।
- C-1, C-2 ନୀଲାମଧାରୀ ବ୍ୟକ୍ତି ତାଙ୍କର ବ୍ୟାବସାୟିକ କାର୍ଯ୍ୟ 15 ଦିନ ମଧ୍ୟରେ ଏବଂ D-1, D-2 ନୀଲାମଧାରୀ ବ୍ୟକ୍ତି ତାଙ୍କର ବ୍ୟାବସାୟିକ କାର୍ଯ୍ୟ 01 ମାସ ମଧ୍ୟରେ ଆରମ୍ଭ କରିବେ ।
- ସମସ୍ତ ନୀଳମଧାରୀ ବ୍ୟକ୍ତି ଏବଂ ତାଙ୍କର ସହକର୍ମୀ/ କର୍ମଚାରୀ ମାନେ ଜନସାଧାରଣ ଓ ଗ୍ରାହକ ମାନଙ୍କ ସହ ଭଦ୍ରୋଚିତ ବ୍ୟବହାର କରିବେ ।
- ସମସ୍ତ ନୀଳମଧାରୀ ବ୍ୟକ୍ତି ନିଜ ନିଜର ବ୍ୟବସାୟିକ ସ୍ଥାନ (କୋଠରି) ମାନଙ୍କରେ ନିଜ ଖର୍ଚ୍ଚରେ ଗୋଟିଏ ଲେଖାଏଁ ବିଦ୍ୟୁତ ସବ-ମିଟର ସ୍ଥାପନ କରିବେ ଏବଂ TPWODL ଦ୍ୱାରା ନିର୍ଦ୍ଧାରିତ ଦରରେ ବିଦ୍ୟୁତ ବିଲ ପଇଠ କରିବେ ।
- ପ୍ରତିମାସର 05 ତାରିଖ ମଧ୍ୟରେ ଅଗ୍ରୀମ ଭଡା ରାଶି ପ୍ରଦାନ କରିବେ ଏବଂ ପ୍ରତିବଦଳରେ ଭଡା ସଂଗ୍ରହକାରୀଙ୍କ ଦସ୍ତଖତ ଓ ମୋହର ସମ୍ବଳିତ ବିଧିମାନ୍ୟ ରସିଦ ପ୍ରାପ୍ତ ହେବେ ।
- କ୍ୟାଣ୍ଟିନ (Cafe) ରେ କାର୍ଯ୍ୟରତ କର୍ମଚାରୀ ମାନେ ଆପ୍ରୋନ, ଗ୍ଲୋଭ୍ସ, ଟୋପି ଆଦି ପରିଧାନ କରିବେ ଏବଂ ପରିଷ୍କାର ପରିଚ୍ଛନ୍ନ ପ୍ରତି ସଜାଗ ରହିବେ, ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତ ଓ ପରିବେଷଣ କରିବେ, ଖାଦ୍ୟ ପଦାର୍ଥ ର ଦର ତାଲିକା ଦୃଷ୍ଟିଗୋଚର ହେଲାପରି ସ୍ଥାନରେ ଲଟକାଇବେ ।
- D-1, D-2 ନୀଲାମଧାରୀ ବ୍ୟକ୍ତି ତାଙ୍କର ତାଙ୍କର ନିଜ ଖର୍ଚ୍ଚରେ କୋଠରି ମଧ୍ୟରେ ଏକକ ଶଯ୍ୟା (Single Bed) ଓ ଯାତ୍ରୀମାନେ ନିଜ ଜିନିଷ ସୁରକ୍ଷିତ ଭାବରେ ରଖିବା ପାଇଁ ଆବଶ୍ୟକ କ୍ଷୁଦ୍ର ଆଲମୀରା ର ବ୍ୟବସ୍ଥା କରିବେ ।
- ବସ ଷ୍ଟାଣ୍ଡ ର କୌଣସି ସ୍ଥାନରେ ପ୍ଲାଷ୍ଟିକ ଦ୍ରବ୍ୟ ର ବ୍ୟବହାର ସଂପୂର୍ଣ୍ଣ ବର୍ଜନୀୟ ।
- ବସ ଷ୍ଟାଣ୍ଡ ପରିସର ମଧ୍ୟରେ ମହିଳା ମାନଙ୍କ ସୁରକ୍ଷା ପ୍ରତି ସମସ୍ତେ ସଚେତନ ରହିବେ ।
- ନୀଲାମଧାରୀ ବ୍ୟକ୍ତିମାନେ ପ୍ରାଧିକୃତ ଅଧିକାରୀ ମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ପ୍ରଣିତ ହେଉଥିବା ନିର୍ଦ୍ଦେଶନାମା ମଣିବାକୁ ବାଧ ହେବେ ।
- ନୀଲାମଧାରୀ ବ୍ୟକ୍ତିମାନେ କୌଣସି ପ୍ରକାର ନିୟମ ଉଲଂଘନ କାଲେ, ଚୁକ୍ତିନାମା ରଦ୍ଦ କରାଯିବ ଏବଂ ପ୍ରତିଭୂ ଅମାନତ ରାଶି ବ୍ୟାଜ୍ୟାପ୍ତ କରାଯିବ ।
- ବିଶେଷ ପରିସ୍ଥିତିରେ ଏକମାସିଆ ନୋଟିସ ଦିଆଯାଇ ଚୁକ୍ତିନାମା ରଦ୍ଦ କରାଯାଇପାରିବ ।
- କୌଣସି ପ୍ରକାର ପ୍ରାକ-ସୂଚନା ଦିଆ ନ ଯାଇ ନିଲାମ ପ୍ରକ୍ରିୟା ଆଂଶିକ ବା ସଂପୂର୍ଣ୍ଣ ଭାବରେ ସ୍ଥଗିତ ବା ରଦ୍ଦ କରିବା ର ଅଧିକାର ଜିଲ୍ଲା ସ୍ତରୀୟ ଅଟଳ ବସ ଷ୍ଟାଣ୍ଡ ନୋଡାଲ କମିଟି, ନୂଆପଡା ଙ୍କ ଅଧିକାର ରହିବ ।
- ବିଶେଷ ପରିସ୍ଥିତିରେ ଜିଲ୍ଲା ସ୍ତରୀୟ ଅଟଳ ବସ ଷ୍ଟାଣ୍ଡ ନୋଡାଲ କମିଟି, ନୂଆପଡା ଙ୍କ ନିଷ୍ପତ୍ତି ଚୂଡାନ୍ତ ଓ ସର୍ବମାନ୍ୟ ହେବ ।

ପ୍ରକାଶ ମହାପାତ୍ର
୦୩/୦୮/୨୧

ଜିଲ୍ଲା ପରିଚାଳକ, ନୂଆପଡା

Scanned with OKEN Scanner